# 3rd India-New Zealand Foreign Office Consultations

May 25, 2021

## ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ତୃତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଅନୁଷ୍ଠିତ

**ମଇ 25, 2021**

1. ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ତୃତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 25 ମଇ 2021ରେ ଭରଚୁଆଲ୍ ଉପାୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଚିବ (ପୂର୍ବ) ଶ୍ରୀମତୀ ରିଭା ଗାଙ୍ଗୁଲି ଦାସ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିବାବେଳେ ନ୍ୟୁଜିଲ୍ୟାଣ୍ଡ ପକ୍ଷରୁ ବୈଦେଶିକ ବ୍ୟାପାର ଏବଂ ବାଣିଜ୍ୟ ମନ୍ତ୍ରଣାଳୟର ଉପସଚିବ (ଆମେରିକା ଏବଂ ଏସିଆ ଗ୍ରୁପ୍) ଶ୍ରୀ ମାର୍କ ସିନକ୍ଲେୟର ନେତୃତ୍ୱ ନେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ବିଚାର ବିମର୍ଷ 5 ଫେବୃଆରୀ 2019ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା।

2. ଜାରି ରହିଥିବା ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରି ଉଭୟ ପକ୍ଷ ପ୍ରତିରକ୍ଷା ଓ ସୁରକ୍ଷା, ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ମହାକାଶ, ଆତଙ୍କବାଦର ମୁକାବିଲା, ସାଇବର ସୁରକ୍ଷା, ନିରସ୍ତ୍ରୀକରଣ ଏବଂ ଜଳବାୟୁ ପରିବର୍ତ୍ତନ ସମେତ ବିଭିନ୍ନ କ୍ଷେତ୍ରରେ ଯୋଗଦାନର ଗଭୀରତା ଏବଂ ଗତି ବଢାଇବା ତଥା ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଲୋଚନା କରିଥିଲେ।।

3. କୋଭିଡ-19 ମହାମାରୀର ମୁକାବିଲା, ଏବଂ ଆନ୍ତର୍ଜାତିକ ସ୍ତରରେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଟିକା ଏବଂ ଔଷଧର ଉପଲବ୍ଧତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

4. ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ। ଏକ ନିୟମ ଭିତ୍ତିକ ଆନ୍ତର୍ଜାତୀୟ ଶୃଙ୍ଖଳା ଏବଂ ଏକ ମୁକ୍ତ, ଖୋଲା ଏବଂ ସମ୍ମିଳିତ ଭାରତ ପ୍ରଶାନ୍ତ-ମହାସାଗରୀୟ ଅଞ୍ଚଳ ପାଇଁ ସେମାନେ ଘନିଷ୍ଠ ସହଯୋଗର ଗୁରୁତ୍ୱକୁ ଦୋହରାଇଥିଲେ। ବହୁପକ୍ଷୀୟ ଏବଂ ଆଞ୍ଚଳିକ ମଞ୍ଚରେ ସମନ୍ୱୟକୁ ମଜବୁତ କରିବାର ଉପାୟ ଉପରେ ମଧ୍ୟ ସେମାନେ ଆଲୋଚନା କରିଥିଲେ।

5. ଏକ ବନ୍ଧୁତ୍ୱପୂର୍ଣ୍ଣ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଏହି ବିଚାର ବିମର୍ଷ ଅନୁଷ୍ଠିତ ହୋଇଥିଲା। ପାରସ୍ପରିକ ସୁବିଧାଜନକ ତାରିଖରେ ପରବର୍ତ୍ତୀ ବିଚାର ବିମର୍ଷ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ମଇ 25, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.